# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 April - 2024

*News Editor :* Tapan Kumar Maharana

*****************************************

## ମୁଖ୍ୟ ସମ୍ବାଦ

- ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ହିଞ୍ଜିଳି ବିଧାନସଭା ଆସନ ପାଇଁ ଦାଖଲ କଲେ ନାମାଙ୍କନପତ୍ର
- ଭାରତୀୟ ନୌସେନାର ମୁଖ୍ୟ ଭାବେ ଦାୟିତ୍ୱ ନେଲେ ଆଡମିରାଲ ଦିନେଶ କୁମାର ତ୍ରିପାଠୀ
- ମ୍ୟାଲେରିଆକୁ ପ୍ରତିହତ କରିବା ପାଇଁ ୧ କୋଟି ୫୬ ଲକ୍ଷ ଔଷଧୀୟ ମଶାରୀ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀପତ୍ର ଦାଖଲ

ବିଜେଡି ସଭାପତି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ଗଞ୍ଜାମ ଜିଲ୍ଲାର ମା’ ତାରାତାରିଣୀଙ୍କୁ ଦର୍ଶନ କରିବା ପରେ ଛତ୍ରପୁର ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଇ ମାସ ୨୦ ତାରିଖରେ ପଞ୍ଚମ ପର୍ଯ୍ୟାୟରେ ଏହି ଆସନ ପାଇଁ ମତଦାନ ହେବ। ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୪ଟି ଲୋକସଭା ଆସନର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ପାଇଁ ୩୭ଜଣ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ମଇ ମାସ ୧୩ ତାରିଖରେ ଭୋଟ୍‌ଗ୍ରହଣ ହେବ । ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ । ୩୭ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୩୦ଜଣ ପୁରୁଷ ଏବଂ ୭ଜଣ ମହିଳା ପ୍ରାର୍ଥୀ ଥିବା ଜଣାପଡିଛି ।

ବ୍ରହ୍ମପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସାଂସଦ ପ୍ରାର୍ଥୀ ଭାବେ ୧୧ ଜଣ ନିର୍ବାଚନ ଲଢ଼ିବେ ବୋଲି ଜଣାପଡିଛି। ସେଥିମଧ୍ୟରୁ ୮ ଜଣ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ହୋଇଥିବାବେଳେ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାରେ ସମୁଦାୟ ୧୧ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ୍ ରହିଛି। କୋରାପୁଟ ଲୋକସଭା ଆସନରେ ୧୧ ଜଣ ପ୍ରାର୍ଥୀ ଓ ୫ଟି ବିଧାନସଭାରେ ୪୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଛି।

ଅନ୍ୟପକ୍ଷରେ ରାଜ୍ୟର ତୃତୀୟ ପର୍ଯ୍ୟାୟ ଲାଗି ଗତକାଲିଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ସହିତ ଏହି ଆସନ ପରିସରରେ ଆସୁଥିବା ୪୨ଟି ବିଧାନସଭା ଆସନଗୁଡ଼ିକ ପାଇଁ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ୍ ନିଆଯିବ ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ଚଳିତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ୯୫ଟି ଲୋକସଭା ଆସନରେ ୧ ହଜାର ୩୫୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୯ ପ୍ରତିଶତ ଅର୍ଥାତ୍ ୧୨୩ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଅନ୍ୟପକ୍ଷରେ ୨୯ ପ୍ରତିଶତ ଅର୍ଥାତ୍ ୩୯୨ ଜଣ ପ୍ରାର୍ଥୀଙ୍କ ସମ୍ପତ୍ତି ହାରାହାରି ୫ କୋଟି ୬୬ ଲକ୍ଷ ଟଙ୍କା ରହିଛି।

## ନୌସେନା ମୁଖ୍ୟ ନିଯୁକ୍ତ

ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀ ଭାରତୀୟ ନୌସେନାର ୨୬ତମ ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଆଡମିରାଲ୍ ଶ୍ରୀ ତ୍ରିପାଠୀ ୧୯୮୫ ମସିହା ଜୁଲାଇ ମାସ ୧ ନୌସେନା କାର୍ଯ୍ୟରେ ଯୋଗଦେଇଥିଲେ। ଦୀର୍ଘ ୩୯ ବର୍ଷ ଧରି ଭାରତୀୟ ନୌସେନାର ବୈଷୟିକ ଜ୍ଞାନ କୌଶଳ ଏବଂ ଯୁଦ୍ଧରେ ତାଙ୍କର ନିପୁଣ ଦକ୍ଷତା ରହିଛି। ନେଭିର ମୁଖ୍ୟ ହେବା ପୂର୍ବରୁ ଶ୍ରୀ ତ୍ରିପାଠୀ ନୌସେନା ଉପମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ନୌସେନା ମୁଖ୍ୟ ଆଡମିରାଲ୍ ହରି କୁମାରଙ୍କର ସେବା ନିବୃତ୍ତି ପରେ ଏହି ପଦବୀରେ ଆଡମିରାଲ ଶ୍ରୀ ତ୍ରିପାଠୀ ନିଯୁକ୍ତି ପାଇଛନ୍ତି।

## ନିର୍ବାଚନ ସ୍ଥିତି-ବୌଦ୍ଧ

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ **ବୌଦ୍ଧ** ଜିଲ୍ଲାରେ ୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ

ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ଣତା ମଧ୍ୟ ବୃଦ୍ଧି ପାଉଛି। **ବୌଦ୍ଧ** ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା **ସମ୍ପଦ କୁମାର ଅଗ୍ରୱାଲ**ଙ୍କ ରିପୋର୍ଟ...

**- V/O –**

# ମଶାରୀ ବଣ୍ଟନ

ରାଜ୍ୟରେ ମ୍ୟାଲେରିଆ ପ୍ରାର୍ଦୁଭାବକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏକକୋଟି ୫୬ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ଦେବାପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଚିଠି ଲେଖିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ୨୦୨୦-୨୧ ମସିହାରେ କେନ୍ଦ୍ର ସରକାର ଓଡ଼ିଶାକୁ ୧ କୋଟି ୫୬ଲକ୍ଷ ମଶାରୀ ଦେଇଥିଲେ । ଏହି ଔଷଧୀୟ ମଶାରୀ ଗୁଡ଼ିକର ଗୁଣବତ୍ତା ଏବଂ ଅବଧି ୩ବର୍ଷ ଥିଲା । ହେଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆଉଥରେ ସମ ପରିମାଣର ମଶାରୀ ଦେବା ସହିତ ମ୍ୟାଲେରିଆ ନିରାକରଣରେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ମାଲକାନଗରି, କୋରାପୁଟ, ରାୟଗଡା, କଳାହାଣ୍ଡି, ବୌଦ୍ଧ ଓ ଫୁଲବାଣୀରେ ଅଧିକ ସଂଖ୍ୟାରେ ମ୍ୟାଲେରିଆ ରୋଗୀ ଦେଖା ଦେଇଥାନ୍ତି ।

# ମାଟ୍ରିକ ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ - ମାଟ୍ରିକ ପରୀକ୍ଷା ଫଳ ମଇ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ଜଣାପଡିଛି । ସୂଚନା ଅନୁସାରେ ଉତ୍ତରଖାତା ମୂଲ୍ୟାଙ୍କନ, ତ୍ରୁଟି ଯାଞ୍ଚ ଓ ସଂଶୋଧନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ତ୍ରୁଟିଶୂନ୍ୟ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ବୋର୍ଡ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ପରୀକ୍ଷାଫଳ ପ୍ରକାଶ ପାଇବାର ଦିନକ ମଧ୍ୟରେ ଛାତ୍ରଛାତ୍ରୀମାନେ ବୋର୍ଡ ୱେବ୍‌ସାଇଟ୍‌ରୁ ଡିଜିଟାଲ ସାର୍ଟିଫିକେଟ୍ ଡାଉନ୍‌ଲୋଡ କରିପାରିବେ ବୋଲି ବୋର୍ଡ କର୍ତ୍ତୃପକ୍ଷ ପୂର୍ବରୁ କହିଛନ୍ତି ।

# ଅଣସଂରକ୍ଷିତ ଟିକେଟ୍

ରେଳଯାତ୍ରୀଙ୍କ ଟିକେଟ୍ ବୁକିଂକୁ ସରଳ ଓ ସୁବିଧା କରିବା ଲକ୍ଷ୍ୟ ନେଇ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରେଳଯାତ୍ରୀମାନେ ନିଜ ମୋବାଇଲ୍ ଆପ୍ ଜରିଆରେ ଅଣସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକେଟ୍ କିଣିପାରିବେ। ୟୁଟିଏସ୍ ଅନ୍ ମୋବାଇଲ୍ ଆପ୍‌କୁ ନିଜ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରି ନିଜ ନାମ ମୋବାଇଲ୍ ନମ୍ବର ସହ ଅନ୍ୟ ସୂଚନା

ଦେବାକୁ ପଡିବ । ମୋବାଇଲ୍ ନମ୍ବର, ପାସ୍‌ୱାର୍ଡ଼ କିମ୍ବା ଓଟିପି ଦେଇ ଏଥିରେ ଲଗ୍‌ଇନ୍ କରି ପ୍ଲାଟ୍‌ଫର୍ମ ଟିକେଟ୍ କିଣାଯାଇ ପାରିବ । ପୂର୍ବରୁ ରେଳଯାତ୍ରୀମାନେ ୨୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟରେ ଏଭଳି ସୁବିଧା ପାଇପାରୁଥିଲେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଭୋଟର ଦସ୍ତଖତ ଅଭିଯାନ ସହ ଏକ ରାଲି ଅନୁଷ୍ଠିତ ହୋଇଯାଇଛି ।

## ପାଣିପାଗ

ପଶ୍ଚିମା ଏବଂ ଉତ୍ତର ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗ ସ୍ଥିତିରେ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ । ପାଣିପାଗ ବିଶେଷଜ୍ଞ ମାନଙ୍କର ଅନୁମାନ ହିସାବରେ ଆସନ୍ତା ୧ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଅଧିକ ରହିବ । ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୧ ଡିଗ୍ରୀ ସେଲସିୟସ୍

ରେକର୍ଡ କରାଯାଇଥିଲା । ଭୁବନେଶ୍ୱରରେ ୪୩ ଦଶମିକ ୬ ଏବଂ ଝାରସୁଗୁଡ଼ାରେ ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

ରାଜ୍ୟରେ ଗତ ୧୫ ଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଜାରି ରହିଛି । ଚଳିତବର୍ଷ ବର୍ଷର ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମପ୍ରବାହ । ଗତ ୫ ଓ ୬ ତାରିଖ ଦୁଇଦିନ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା ।

***********************************